ଓଡିଶା ସରକାର

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

# ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ବ୍ଲକରେ ନୂଆ ରେସନ କାର୍ଡ ପାଇଁ ଆବେଦନ ପତ୍ର ଦାଖଲ ଓ ପ୍ରାପ୍ତି ସ୍ୱୀକାର ପତ୍ର ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ 2013 ଆଧାରରେ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ସ୍ତରରେ ଏବଂ ଭୁବନେଶ୍ୱର ବ୍ଲକ୍ ର ପଞ୍ଚାୟତ ସ୍ତରରେ ଚାଲୁଥିବା ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ସମାପ୍ତ ହୋଇଛି । ଯେଉଁ ଯୋଗ୍ୟ ପରିବାର କୌଣସି କାରଣରୁ ଯଦି ଆବେଦନ ପତ୍ର ଦାଖଲ କରି ପାରିନାହାନ୍ତି, ସେମାନେ **"ଯାତ୍ରୀ ନିବାସ, କଟକ ରୋଡ"**(ଭୁବନେଶ୍ୱର ମହାନଗର ନିଗମ ପାଇଁ) ଓ **"ଭୁବନେଶ୍ୱର ବ୍ଲକ୍ କାର୍ଯ୍ୟାଳୟ "** (ଗ୍ରାମପଞ୍ଚାୟତ ସ୍ତର ପାଇଁ) ଚାଲିଥିବା କେନ୍ଦ୍ରରେ ଆସନ୍ତା ତା:**17.01.2015**ରିଖ ମଧ୍ୟରେ ଦାଖଲ କରି ପାରିବେ । ଆବେଦନ ପତ୍ର ଦାଖଲ କରିବା ସମୟରେ ପ୍ରାପ୍ତି ସ୍ୱୀକାର ପତ୍ର ଯୋଗାଇ ଦିଆଯିବ । ଯଦି କୌଣସି କାରଣରୁ ଏହା ନ ମିଳେ, ତେବେ ନିଜର ଟୋକନ ନମ୍ବର / ପଞ୍ଜିକରଣ କେନ୍ଦ୍ରର ତଥ୍ୟ ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୱେବସାଇଟ www.foododisha.in(e-bitarana link ବା NFSA 2013 ରେସନକାର୍ଡ link)ରୁ ଡାଉନ୍ ଲୋଡ କରିହେବ ।

ପ୍ରକାଶ ଥାଉକି, ଯେଉଁ ପରିବାର ପୂର୍ବରୁ ଆବେଦନ ପତ୍ର ଦାଖଲ କରି ପ୍ରାପ୍ତି ସ୍ୱୀକାର ପତ୍ର ପାଇନାହାନ୍ତି, ସେମାନେ ମଧ୍ୟ ଏହାକୁwww.foododisha.in ୱେବସାଇଟରୁ ଡାଉନଲୋଡ କରିପାରିବେ । ଏହି ପ୍ରାପ୍ତି ସ୍ୱୀକାର ପତ୍ର ପରବର୍ତ୍ତୀ ସମୟରେ ରେସନକାର୍ଡ ପ୍ରଦାନ ବେଳେ ଦରକାରରେ ଆସିବ ।

ଉପ ଶାସନ ସଚିବ